প্রকাশ মারোতিরাও শেরে

*বনাম*

মহারাষ্ট্র রাজ্য এবং অন্যমানে

17 নভেম্বর, 1995

[কে. রামাস্বামী এবং বি. এল. হংসারিয়া, ন্যায়মূর্ত্তিদ্বয়]

*নির্বাচন:*

*মহারাষ্ট্র সমবায় সমিতি নির্বাচন সমিতি নিয়ম, 1971:*

*নির্বাচন পরিচালনা পাইঁ সক্ষম কর্তৃপক্ষ - নূতন সমিতি দায়িত্ব গ্রহণ করিবা পর্য্যন্ত, প্রশাসক জারি রহিবে - নির্দ্দেশনামা জারি করাযাইথিলা ।*

**বম্বে উচ্চ ন্যায়ালয়ঙ্কর রায় বিরুদ্ধরে এহি অপিলরে, এহি অদালত রাজ্য সরকারঙ্কু জণে প্রশাসক নিযুক্ত করিবাকু নির্দ্দেশ প্রদান করিথিলে ।**

**এবে, অপিলটির ফএসলা করি, এহি ন্যায়ালয়**

**নির্ণ্ণয় করিথিলে: 1. এহি ন্যায়ালয়র পর্য্যবেক্ষণ অনুযায়ী, নির্বাচন প্রক্রিয়া আরম্ভ হোইথিলা । প্রারম্ভিক ভোটর তালিকারে আপত্তিগুডিক 18 নভেম্বর, 1995 তারিখরে বিচার করাযিব এবং তা'পরে, পারিত হেবাকু থিবা আদেশ উপরে নির্ভর করি, 30 ডিসেম্বর, 1995 তারিখরে কিম্বা পূর্বরু ভোটর তালিকা চূড়ান্ত করিবাকু সক্ষম কর্তৃপক্ষ আবশ্যক অটন্তি । মহারাষ্ট্র সমবায় সমিতি নির্বাচন সমিতি নিয়ম, 1971 র নিয়ম 16 অনুযায়ী 2 জানুআরী, 1996 তারিখরে কিম্বা পূর্বরু নির্বাচন প্রক্রিয়াকু সূচিত করিবা আবশ্যক । নির্বাচনর সম্পূর্ণ্ণ প্রক্রিয়া 45 দিন মধ্যরে শেষ করিবাকু হেব ।** [470-C-D]

**2. সক্ষম কর্তৃপক্ষ এঠারে পূর্বরু উল্লিখিত নির্বাচন প্রক্রিয়া অনুসূচী জারি রখিবে এবং অদালত কিম্বা সেহি তরফরু কর্তৃপক্ষঙ্ক কৌণসি আদেশ দ্বারা তাঙ্কু বারণ ন করাযাইথিলে ত্বরিত রূপে সমিতির নির্বাচন যেতে সত্বর সম্ভব করিবে ।** [470-E]

**3. ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ପ୍ରଶାସକ ପଦବୀରେ ରହିବେ ଏବଂ ନିର୍ବାଚିତ ସମିତି ପରିଚାଳନା ଦାୟିତ୍ୱ ଗ୍ରହଣ କରିବେ । [470-F]**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 11532/1995 ।

W.P. ସଂଖ୍ୟା 2009/1995 ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 23.6.95 ତାରଖର ରାୟ ଏବଂ ଆଦେଶରୁ ।

ଉପସ୍ଥିତ ପକ୍ଷଗୁଡ଼ିକ ତରଫରୁ ଦୁଷ୍ୟନ୍ତ ଦାଭେ, ଭୀମରାଓ ନାୟକ, ଏସ. କେ. ଢୋଲକିଆ, କେ. ମାଧବ ରେଡ୍ଡୀ, ପି. ପି. ରାଓ, ସୁଶ୍ରୀ ଆଭା ଆର୍. ଶର୍ମା, ଏସ୍. ଭି. ଦେଶପାଣ୍ଡେ, ଡି. ଏମ୍. ନାରଗୋଲକର ଏବଂ ପି. ଆର୍. ଗୁପ୍ତା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁର କରାଗଲା ।

ଆମେ ପକ୍ଷମାନଙ୍କ ତରଫରୁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ । 30 ଅକ୍ଟୋବର, 1995 ତାରିଖର ଆମ ଆଦେଶ ଅନୁସାରେ, ଆମେ ସରକାରଙ୍କୁ ଜଣେ ପ୍ରଶାସକ ନିଯୁକ୍ତ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲୁ । ଆମକୁ ଅବଗତ କରାଯାଇଛି ଯେ ଉକ୍ତ ଆଦେଶ ଅନୁଯାୟୀ, ପ୍ରଶାସକ ନିଯୁକ୍ତ ହୋଇଥିଲେ ଏବଂ ସେ 1 ନଭେମ୍ବର, 1995 ତାରିଖରେ ଦାୟିତ୍ୱ ଗ୍ରହଣ କରିଥିଲେ । ଆମକୁ ଏହା ମଧ୍ୟ ଅବଗତ କରାଯାଇଛି ଯେ ଆମର ପର୍ଯ୍ୟବେକ୍ଷଣ ଅନୁଯାୟୀ, ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପ୍ରାରମ୍ଭିକ ଭୋଟର ତାଲିକାରେ ଆପତ୍ତିଗୁଡିକ ଆସନ୍ତାକାଲି ସୁଦ୍ଧା ବିଚାର କରିବାକୁ ପଡିବ ଏବଂ ତା'ପରେ, ପାରିତ ହେବାକୁ ଥିବା ଆଦେଶ ଉପରେ ନିର୍ଭର କରି, 30 ଡିସେମ୍ବର, 1995 ତାରିଖରେ କିମ୍ବା ପୂର୍ବରୁ ଭୋଟର ତାଲିକା ଚୂଡ଼ାନ୍ତ କରିବାକୁ ସକ୍ଷମ କର୍ତ୍ତୃପକ୍ଷ ଆବଶ୍ୟକ ଅଟନ୍ତି । ମହାରାଷ୍ଟ୍ର ସମବାୟ ସମିତି ନିର୍ବାଚନ ସମିତି  ନିୟମ, 1971 ର ନିୟମ 16 ଅନୁଯାୟୀ 2 ଜାନୁଆରୀ, 1996 ତାରିଖରେ କିମ୍ବା ପୂର୍ବରୁ ନିର୍ବାଚନ ପ୍ରକ୍ରିୟାକୁ ସୂଚିତ କରିବା ଆବଶ୍ୟକ । ନିର୍ବାଚନର ସମ୍ପୂର୍ଣ୍ଣ ପ୍ରକ୍ରିୟା 45 ଦିନ ମଧ୍ୟରେ ଶେଷ କରିବାକୁ ହେବ ।

ଆମେ ଆଶା ଏବଂ ବିଶ୍ୱାସ କରୁଛୁ ଯେ ସକ୍ଷମ କର୍ତ୍ତୃପକ୍ଷ ଏଠାରେ ପୂର୍ବରୁ ଉଲ୍ଲିଖିତ ନିର୍ବାଚନ ପ୍ରକ୍ରିୟା ଅନୁସୂଚୀ ଜାରି ରଖିବେ ଏବଂ ଅଦାଲତ କିମ୍ବା ସେହି ତରଫରୁ କର୍ତ୍ତୃପକ୍ଷଙ୍କ

କୌଣସି ଆଦେଶ ଦ୍ୱାରା ତାଙ୍କୁ ବାରଣ ନ କରାଯାଇଥିଲେ ତ୍ୱରିତ ରୂପେ ସମିତିର ନିର୍ବାଚନ ଯେତେ ସତ୍ୱର ସମ୍ଭବ କରିବେ ।

ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ପ୍ରଶାସକ ପଦବୀରେ ରହିବେ ଏବଂ ନିର୍ବାଚିତ ସମିତି ପରିଚାଳନା ଦାୟିତ୍ୱ ଗ୍ରହଣ କରିବେ ।

ଅପିଲକାରୀମାନଙ୍କ ପକ୍ଷରୁ ହାଜର ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଦୁଷ୍ୟନ୍ତ ଦାଭେ ଅନେକ ଆଇନଗତ ଆଧାରରେ ସେମାନଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ସଠିକତା ଉପରେ ଯୁକ୍ତି କରିବାକୁ ଚାହୁଁଛନ୍ତି । ଯେହେତୁ ପ୍ରଶାସକଙ୍କୁ ପୂର୍ବରୁ ନିଯୁକ୍ତ କରାଯାଇଛି, ଆମର ମତ ହେଉଛି ଯେ ଉତ୍ଥାପିତ ପ୍ରସଙ୍ଗଗୁଡ଼ିକ ତାତ୍ତ୍ୱିକ ହୋଇଯାଇଛି । ତେଣୁ ଆମେ ସାରବତ୍ତା ଉପରେ କୌଣସି ମତ ପ୍ରକାଶ କରୁନାହୁଁ ।

ତଦନୁସାରେ ଅପିଲର ଫଏସଲା କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍.

ଅପିଲର ଫଏସଲା ହୋଇଛି ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ